THE ANUPAM BHARAT
ଅନୁପମ ଭାରତ
www.anupambharatonline.com
PUBLISHED FROM ● BRAHMAPUR ● BHUBANESWAR ● RAYAGADA

# କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ଦ୍ୱାରା ମିଳିତ ସାମ୍ବାଦିକ ସମ୍ମିଳନୀ ଆୟୋଜିତ

ସୁନାବେଡା, ୧୯।୭ (ଅନୁପମ ମିଡ଼ିଆ) : ଜାତୀୟ ଶିକ୍ଷା ନୀତି ୨୦୨୦ ' ର କାର୍ଯ୍ୟକାରିତା ଉପରେ କୋରାପୁଟ ଜିଲ୍ଲାର ଚାରୋଟି କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନ ଯଥା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟ, କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ଏନ ଏ ଡି, ସୁନାବେଡା, ଜବହାର ନବୋଦୟ ବିଦ୍ୟାଳୟ, କୋରାପୁଟ ଦ୍ୱାରା ଏକ ମିଳିତ ସାମ୍ବାଦିକ ସମ୍ମିଳନୀ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି।



ଚଳିତ ମାସ ର ୨୯ ତାରିଖ ରେ ଜାତୀୟ ଶିକ୍ଷା ନୀତି '୨୦୨୦ ର ତୃତୀୟ ବାର୍ଷିକୀ ପାଳନ ଅବସରରେ ଏହି ସମ୍ମିଳନୀ ର ଅୟୋଜନ କରାଯାଇଛି। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସମ୍ମିଳନୀରେ ଉଦବୋଧନ ଦେଇ କହିଥିଲେ ' ଶିକ୍ଷା ବ୍ୟବସ୍ଥାର ସାମଗ୍ରିକ ରୂପାନ୍ତର ପାଇଁ ଭାରତ ସରକାରଙ୍କ ଦ୍ୱାରା ଜାତୀୟ ଶିକ୍ଷା ନୀତି ଜୁଲାଇ ୨୯ ' ୨୦୨୦ ରେ ଆରମ୍ଭ କରାଯାଇଥିଲା। ଏକବିଂଶ ଶତାବ୍ଦୀର ଶିକ୍ଷାର ଆକାଂକ୍ଷା ଲକ୍ଷ୍ୟ ସହିତ ସ୍ଥାୟୀ ବିକାଶ ର ଲକ୍ଷ୍ୟ ହାସଲ କରିବା ପାଇଁ ଭାରତୀୟ ପରମ୍ପରା ଏବଂ ନୈତିକ ମୂଲ୍ୟବୋଧ କୁ ଭିତ୍ତି କରି ନୂତନ ଶିକ୍ଷା ନୀତି ପ୍ରଣୟନ କରାଯାଇଛି ଉକ୍ତ ନୀତିରେ ପ୍ରତ୍ୟେକ ବ୍ୟକ୍ତିର ସୃଜନଶୀଳତା ଏବଂ କୁଶଳୀ ସାମର୍ଥ୍ୟର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି ୟୁ ଜି ସି ର ଆଦେଶ ଅନୁଯାୟୀ , ଜାତୀୟ ଶିକ୍ଷା ନୀତି ର କାର୍ଯ୍ୟକାରୀତା ପାଇଁ ନିର୍ଦ୍ଧାରିତ ୧୮ ଟି ମାନଦଣ୍ଡ ମଧ୍ୟରୁ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ୧୬ ଟି ମାନଦଣ୍ଡ ପୁରଣ କରୁଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ରେ ଚାରି ବର୍ଷୀୟା ବି ଏସ ସି ଡିଗ୍ରୀ କ୍ଲାସ ର ବ୍ୟବସ୍ଥା କରାଯାଇଛି, ଗୋଟିଏ ଭାଷା ଲବ୍ରୋଟରି ଖୋଲା ଯାଇଛି, ଆଞ୍ଚଳିକ ଭାଷା ଏବଂ କୁଇ ଭାଷା ର ବିକାଶ ଦିଗରେ ପଦକ୍ଷେପ ନିଆଯାଇଛି ବିଶ୍ୱବିଦ୍ୟାଳୟରେ ସନ୍ଥ କବି ଭୀମ ଭୋଇ ଚେୟାର ର ସ୍ଥାପନ ନିମନ୍ତେ ପଦକ୍ଷେପ ନିଆଯାଇଥିବା ସମ୍ପର୍କରେ ପ୍ରଫେସର ତ୍ରିପାଠୀ ସାମ୍ବାଦିକ ସମ୍ମିଳନୀରେ ଜଣାଇଥିଲେ। ସେହିଭଳି କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟ ର ଅଧ୍ୟକ୍ଷ ଅରବିନ୍ଦ ବିଶ୍ୱାଳ, କେନ୍ଦ୍ରୀୟ ବିଦ୍ୟାଳୟ ଏନ ଏ ଡି, ସୁନାବେଡା ର ଅଧ୍ୟକ୍ଷା ଅନନ୍ଦିତା ଚାଟାର୍ଜୀ, ଜବହାର ନବୋଦୟ ବିଦ୍ୟାଳୟ, କୋରାପୁଟ ର ଅଧ୍ୟକ୍ଷା ମିଲାନି ମିତ୍ର ନିଜ ନିଜ ବିଦ୍ୟାଳୟ ମାନଙ୍କ ରେ ଜାତୀୟ ଶିକ୍ଷା ନୀତି '୨୦୨୦ ର କାର୍ଯ୍ୟକାରିତା ପରିପ୍ରେକ୍ଷୀରେ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଜଣାଇଥିଲେ।

103 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2021-2023

- Koraput, Friday 21 July 2023
- କୋରାପୁଟ, ଶୁକ୍ରବାର ୨୧ ଜୁଲାଇ ୨୦୨୩
- ଆଜି କର୍କଟ ୫ ଦିନ, ୧୪୩୦ ସାଲ
- ଆଷାଢ଼ ୩୦ ଦିନ, ୧୯୪୫ ଶକାବ୍ଦ, ଶୁକ୍ଳପକ୍ଷ ତୃତୀୟା
- ଭାଗ- ୯୪ ସଂଖ୍ୟା- ୧୯୮
- www.thesamaja.com
  www.samajaepaper.com
  www.samajalive.in

ଟ ୬.୦୦ (୧୬ ପୃଷ୍ଠା)

ସମାଜ®
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, JEYPORE

ଅନେଜଦେକଂ ମନସୋ ଜବୀୟୋ ନୈନଦ୍ଦେବା ଆପ୍ନୁବନ୍ପୂର୍ବମର୍ଷତ୍ ।
ତଦ୍ଧାବତୋଽନ୍ୟାନତ୍ୟେତି ତିଷ୍ଠତ୍ତସ୍ମିନ୍ନପୋ ମାତରିଶ୍ୱା ଦଧାତି ॥
(ଈଶୋପନିଷଦ୍-୪)

ଆତ୍ମା ସ୍ଥିରଶୀଳ, କିନ୍ତୁ ମନଠାରୁ ଅଧିକ ବେଗରେ ଗତି କରେ । ଦେବତାମାନେ ତାଙ୍କୁ ବେଗରେ ଅତିକ୍ରମ କରିପାରନ୍ତି ନାହିଁ । ସେମାନେ ତା' ସାଙ୍ଗରେ ଧାଇଁଲି, ସେ ଅନ୍ୟମାନଙ୍କ ଠାରୁ କ୍ଷିପ୍ର ବେଗରେ ଆଗକୁ ବଢ଼ିଯାଏ, କିନ୍ତୁ ସେ ଅଟଳ ରହିଥାଏ । ତାଙ୍କ ଦ୍ୱାରା ଆକାଶଦ୍ୱାରା ଧରି ରଖାଯାଇଥିବା ବାୟୁ ଜଳକୁ ଧରି ରଖେ । ଫଳରେ ସମସ୍ତ ପ୍ରାଣୀ ଜଗତ ବଞ୍ଚି ରହିଛନ୍ତି ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ



ସୁନାବେଡ଼ା,୨୦।୭ (ନିପ୍ର) - ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତା ଉପରେ କୋରାପୁଟ ଜିଲାର ଚାରୋଟି କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନକୁ ନେଇ ମିଳିତ ସାମ୍ବାଦିକ ସମ୍ମିଳନୀ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟ, ସୁନାବେଡା ଏନ୍.ଏଚ୍. ଜବାହର ନବୋଦୟ ବିଦ୍ୟାଳୟ କୋରାପୁଟ ଦ୍ୱାରା ୨୯ ତାରିଖରେ ଜାତୀୟ ଶିକ୍ଷା ନୀତି ୨୦୨୦ର ତୃତୀୟ ବାର୍ଷିକୀ ପାଳନ ଅବସରରେ ସମ୍ମିଳନୀର ଆୟୋଜନ କରାଯାଇଛି । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସମ୍ମିଳନୀରେ ଉଦ୍‌ବୋଧନ ଦେଇ କହିଥିଲେ ଶିକ୍ଷା ବ୍ୟବସ୍ଥାର ସାମଗ୍ରିକ ରୂପାନ୍ତର ପାଇଁ ଭାରତ ସରକାରଙ୍କ ଦ୍ୱାରା ଜାତୀୟ ଶିକ୍ଷା ନୀତି ୨୯ ଜୁଲାଇ ୨୦୨୦ରେ ଆରମ୍ଭ କରାଯାଇଥିଲା । ୟୁଜିସିର ଆଦେଶ ଅନୁଯାୟୀ ଜାତୀୟ ଶିକ୍ଷା ନୀତିର କାର୍ଯ୍ୟକାରିତା ପାଇଁ ନିର୍ଦ୍ଧାରିତ ୧୮ଟି ମାନଦଣ୍ଡ ମଧ୍ୟରୁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବର୍ତ୍ତମାନ ୧୬ଟି ମାନଦଣ୍ଡ ପୂରଣ କରୁଛି । ବିଶ୍ୱବିଦ୍ୟାଳୟରେ ଚାରି ବର୍ଷୀୟ ବିଏସସି ଡିଗ୍ରୀ କୋର୍ସର ବ୍ୟବସ୍ଥା କରାଯାଇଛି । ଗୋଟିଏ ଭାଷା ଇନ୍‌କ୍ୟୁବେଟର ଖୋଲା ଯାଇଛି । ଆଞ୍ଚଳିକ ଭାଷା ଏବଂ କୁଇ ଭାଷାର ବିକାଶ ଦିଗରେ ପଦକ୍ଷେପ ନିଆଯାଇଛି । ବିଶ୍ୱବିଦ୍ୟାଳୟରେ ସନ୍ଥ କବି ଭୀମ ଭୋଇ ଚେୟାରର ସ୍ଥାପନ ନିମନ୍ତେ ପଦକ୍ଷେପ ନିଆଯାଇଥିବା ସମ୍ପର୍କରେ ପ୍ରଫେସର ତ୍ରିପାଠୀ ସୂଚନା ଦେଇଥିଲେ । କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଅରବିନ୍ଦ ବିଶ୍ୱାଳ, କେନ୍ଦ୍ରୀୟ ବିଦ୍ୟାଳୟ, ଏନଏଚ୍ ସୁନାବେଡା ଅଧ୍ୟକ୍ଷା ଅନନ୍ଦିତା ଚାଟାର୍ଜୀ, ଜବାହର ନବୋଦୟ ବିଦ୍ୟାଳୟ କୋରାପୁଟର ଅଧ୍ୟକ୍ଷ ମିଲାନି ମିତ୍ର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଜଣାଇଥିଲେ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ବିଭାଗର ମୁଖ୍ୟ ପ୍ରଫେସର ଶରତ କୁମାର ପାଲିତା, ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇଙ୍କ ସମେତ ଅନ୍ୟାନ୍ୟ ଉଚ୍ଚ ଅଧିକାରୀ ଏବଂ ଶିକ୍ଷାବିତ ଉପସ୍ଥିତ ଥିଲେ । ସାମ୍ବାଦିକ ସମ୍ମିଳନୀ ପରେ ଚାରୋଟି ଅନୁଷ୍ଠାନର ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ ।

# UTTKAL SAMAJA

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଉତ୍ସବ ପାଳିତ



କୋରାପୁଟ ଜିଲ୍ଲା ଚଳିତ ମୌସୁମୀକୁ ଦୃଷ୍ଟିରେ ରଖି କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ), ଜବାହର ନବୋଦୟ ବିଦ୍ୟାଳୟ; କେନ୍ଦ୍ରୀୟ ବିଦ୍ୟାଳୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ, ସୁନାବେଡାର ମିଳିତ ଆନୁକୂଲ୍ୟରେ ଜଙ୍ଗଲ ସଂରକ୍ଷଣ ଓ ପରିବେଶ ରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୨୦୨୩ ଜୁଲାଇ ୧୯ ତାରିଖରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମର ଉଦ୍ ଘାଟନୀ ଅଧିବେଶନରେ ଅଭିଭାଷଣ ପ୍ରଦାନ କରିଥିଲେ। ବୃକ୍ଷରୋପଣର ବିଭିନ୍ନ ଉପକାରିତା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ "ପରିବେଶ ସନ୍ତୁଳନ ବଜାୟ ରଖିବା ଏବଂ ମଣିଷକୁ ଅମ୍ଳଜାନ ଯୋଗାଇବାରେ ବୃକ୍ଷ ଓ ଜଙ୍ଗଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବର୍ତ୍ତମାନ ବିଭିନ୍ନ କାରଣରୁ ଆମ ପରିବେଶ ସହ ସମଗ୍ର ପୃଥିବୀ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି । ଯଦି ଆମେ ପ୍ରଦୂଷଣରୁ ବଞ୍ଚିବାକୁ ଚାହୁଁଛୁ, ପରିବେଶକୁ ବଞ୍ଚାଇବାକୁ ଚାହୁଁଛୁ ଏବଂ ବିଶ୍ୱକୁ ବଞ୍ଚାଇବାକୁ ଚାହୁଁଛୁ, ତେବେ ଆମକୁ ବହୁ ସଂଖ୍ୟକ ବୃକ୍ଷରୋପଣ କରିବାକୁ ପଡିବ । ଗଛ ଲଗାଇ ଧରିତ୍ରୀକୁ ସବୁଜ ସୁନ୍ଦର କରିବାର ବାର୍ତ୍ତା ଆମ୍ଭେମାନେ ସମାଜକୁ ଦେବା" । ୧୯୨୬ ମସିହାରେ ହଙ୍ଗେରୀର ବାଲାଟନଠାରେ ଏସିଆର ପ୍ରଥମ ନୋବେଲ ବିଜେତା ଗୁରୁଦେବ ରବୀନ୍ଦ୍ରନାଥ ଟାଗୋର ଏକ ବୃକ୍ଷ ରୋପଣ କରି ଆରମ୍ଭ କରିଥିବା ବୃକ୍ଷରୋପଣର ଇତିହାସ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ । ସୁନାବେଡ଼ାସ୍ଥିତ ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିମିଟେଡର କୋରାପୁଟ ମହାପ୍ରବନ୍ଧକ ସୁଧାଂଶୁ ମୋହନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ବୃକ୍ଷରୋପଣ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକର କାର୍ଯ୍ୟକଳାପ ଉପରେ ସେ ଆଲୋକପାତ କରିବା ସହ ବହୁ ପ୍ରଶଂସା କରିଥିଲେ। ଏହି ଅବସରରେ ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପାଲିତା, କେଭି କୋରାପୁଟର ଅଧ୍ୟକ୍ଷ, ଶ୍ରୀ ଅରବିନ୍ଦ ବିଶ୍ୱାଳ; କେଭି ସୁନାବେଡ଼ାର ଅନିନ୍ଦିତା ଚାଟାର୍ଜୀ, ଜେଏନ୍ଭି କୋରାପୁଟର ଅଧ୍ୟକ୍ଷା ମିଲାନୀ ମିତ୍ରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା-ଏକାଡେମିକ୍ ପ୍ରଫେସର ସୁଧେନ୍ଦୁ ମଣ୍ଡଳ, ସ୍କୁଲ ଅଫ୍ ଲାଙ୍ଗୁଏଜ୍ ର ଡିନ୍ ପ୍ରଫେସର ଏନ୍ ସି ପଣ୍ଡା, ଭିଜିଟିଂ ପ୍ରଫେସର ପ୍ରଫେସର ବାଗଚୀ, ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ ମେଶ୍ରାମଙ୍କ ସମେତ ବିଶ୍ୱବିଦ୍ୟାଳୟ, କେଭି ସୁନାବେଡ଼ା, କେଭି କୋରାପୁଟ ଓ ଜେଏଭି କୋରାପୁଟର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଗବେଷକ, ଶିକ୍ଷକ ଓ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଆସୋସିଏଟ୍ ପ୍ରଫେସର ଡ. ରୁଦ୍ରାଣୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ସୁଧେନ୍ଦୁ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ମଦନ ମୋହନ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ସମ୍ବାଦ

# ଜାତୀୟ ଶିକ୍ଷାନୀତି ସମ୍ପର୍କିତ ସମ୍ମିଳନୀ

ସୁନାବେଡା,୧୯/୭(ଇମିସ):ଜାତୀୟ ଶିକ୍ଷାନୀତି-୨୦୨୦ର ତୃତୀୟ ବାର୍ଷିକୀ ପାଳନ ନେଇ ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାର କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ୪ଟି ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ମିଳନୀ କରାଯାଇଥିଲା। ଶିକ୍ଷାନୀତିର ସୁଦୂରପ୍ରସାରୀ ଉପକାର ସମ୍ପର୍କରେ ସୂଚନା ଦିଆଯାଇଛି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟ, କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଏନ୍ଏଡି ସୁନାବେଡା, ଜବାହର ନବୋଦୟ ବିଦ୍ୟାଳୟ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଏହାର ଆୟୋଜନ ହୋଇଥିଲା।

ଚଳିତ ମାସର ୨୯ତାରିଖରେ ଜାତୀୟ ଶିକ୍ଷାନୀତି-୨୦୨୦ର ତୃତୀୟ ବାର୍ଷିକୀ ପାଳନ ହେବ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସମ୍ମିଳନୀକୁ ଉଦବୋଧନ ଦେଇ ନୂତନ ଶିକ୍ଷାନୀତି ଓ ଶିକ୍ଷା ବ୍ୟବସ୍ଥାର ସାମଗ୍ରୀକ ରୂପାନ୍ତରୀକରଣ ସମ୍ପର୍କରେ କହିଛନ୍ତି। ଏକବିଂଶ ଶତାବ୍ଦୀର ଶିକ୍ଷାର ଆକାଂକ୍ଷା ସହ ସ୍ଥାୟୀ ବିକାଶ



ଲକ୍ଷ୍ୟ ହାସଲ କରିବା ପାଇଁ ଭାରତୀୟ ପରମ୍ପରା ଏବଂ ନୈତିକ ମୂଲ୍ୟବୋଧକୁ ଭିତ୍ତିକରି ନୂତନ ଶିକ୍ଷାନୀତି ପ୍ରଣୟନ ହୋଇଥିବା ଶ୍ରୀ ତ୍ରିପାଠୀ କହିଛନ୍ତି। ସେହିପରି, ଆଞ୍ଚଳିକ ଭାଷା ଏବଂ କୁଇ ଭାଷା ର ବିକାଶ ଦିଗରେ ପଦକ୍ଷେପ ନିଆ ଯାଇଥିବା ସୂଚନା ଦିଆଯାଇଛି। ବିଶ୍ୱବିଦ୍ୟାଳୟରେ ସନ୍ଥକବି ଭୀମ ଭୋଇ ଚେୟାର ସ୍ଥାପନ ନିମନ୍ତେ ପଦକ୍ଷେପ ନିଆଯାଇଥିବା ସମ୍ପର୍କରେ ପ୍ରଫେସର ତ୍ରିପାଠୀ ଜଣାଇଛନ୍ତି। କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଅରବିନ୍ଦ ବିଶ୍ୱାଳ, କେନ୍ଦ୍ରୀୟ ବିଦ୍ୟାଳୟ ଏନ୍ ଏ ଡି, ସୁନାବେଡା ଅଧ୍ୟକ୍ଷା ଅନନ୍ଦିତା ଚାଟାର୍ଜୀ, ଜବାହର ନବୋଦୟ ବିଦ୍ୟାଳୟ, କୋରାପୁଟର ଅଧ୍ୟକ୍ଷା ମିଲାନୀ ମିତ୍ର ଯୋଗଦେଇ ନିଜ ଅନୁଷ୍ଠାନରେ ନୂତନ ଶିକ୍ଷାନୀତିର କାର୍ଯ୍ୟକାରିତା ସମ୍ପର୍କରେ କହିଛନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଜୈବ ବିବିଧତା ବିଭାଗ ମୁଖ୍ୟ ପ୍ରଫେସର ଶରତ କୁମାର ପଲିତା, ଜନ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇଙ୍କ ସମେତ ଅନ୍ୟ ଉଚ୍ଚ ଅଧିକାରୀ ଏବଂ ଶିକ୍ଷାବିତ ଉପସ୍ଥିତ ଥିଲେ। ଚାରୋଟି ଅନୁଷ୍ଠାନର ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ବିଭିନ୍ନ ଚାରା ରୋପଣ କରିଥିଲେ।

JEYPORE Edition
Page No.11 July 20, 2023

***Weblink:***

*https://argusenglish.in/article/odisha/centrally-funded-educational-institutions-of-koraput-highlight-programmes-under-nep*

*https://youtu.be/O7h07Cmxbfo*

*https://fb.watch/lV6OPtDCU9/?mibextid=RUbZ1f*